| | |
|---|---|
| **Publication:** Sambad | |
| **Date:** September 28, 2017 | |

# 'ସଫଲ୍'ର ୨ଟି ନୂଆ ଫ୍ରେସ୍ ଏଫ୍ଆଣ୍ଡଭି ଷ୍ଟୋର୍

ଭୁବନେଶ୍ୱର, ୨୭/୯: : ସଫଲ୍‌ର ଦୁଇଟି ନୂଆ ଫ୍ରେସ୍ ଫ୍ରୁଟ୍ ଆଣ୍ଡ୍ ଭେଜିଟେବଲ୍ (ଏଫ୍ଆଣ୍ଡ୍ଭି) ଷ୍ଟୋର୍ ରାଜଧାନୀରେ ଖୋଲାଯାଇଛି। ଗୋଟିଏ ପୁରୀ ରୋଡ୍ ନିକଟରେ ଥିବା ଲିଙ୍ଗରାଜ ଫିଲିଙ୍ଗ ଷ୍ଟେସନ୍ ଏବଂ ଅନ୍ୟଟି କେଶରୀ ନଗର ଆଇଓସିଏଲ୍ ପେଟ୍ରୋଲ୍ ପମ୍ପରେ ଖୋଲାଯାଇଛି। ନ୍ୟାସନାଲ୍ ଡେରି ଡେଭେଲପ୍‌ମେଣ୍ଟ୍ ବୋର୍ଡ (ଏନ୍‌ଡିଡିବି)ର ଅଧ୍ୟକ୍ଷ ଦିଲ୍ଲୀପ ରଥ ନୂଆ ଷ୍ଟୋର୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଦୁଇ ନୂଆ ଷ୍ଟୋର୍‌କୁ ମିଶାଇ ଭୁବନେଶ୍ୱରରେ ସଫଲ୍ ଆଉଟ୍‌ଲେଟ୍ ସଂଖ୍ୟା ୫ରେ ପହଞ୍ଚିଛି। ଦୀପାବଳି ସୁଦ୍ଧା କଂପାନି



ଏହାର ଆଉଟଲେଟ୍ ସଂଖ୍ୟାକୁ ସହରରେ ୯ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ଲୋକମାନଙ୍କୁ ସତେଜ ଫଳ ଏବଂ ପନିପରିବା ଯୋଗାଇ ଦେବା ପାଇଁ ସଫଲ୍ ଲକ୍ଷ୍ୟ ରଖିଛି। ଏହା ରାଜ୍ୟର ଚାଷୀମାନଙ୍କଠାରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରୁଛି। ସାରା ରାଜ୍ୟରେ ସଂଗ୍ରହ କାର୍ଯ୍ୟ ସମ୍ପ୍ରସାରଣ କରିବାକୁ ଏହା ଲକ୍ଷ୍ୟ ରଖିଛି।